# ପୌର ପରିଷଦ , କୋରାପୁଟ
# KORAPUT MUNICIPALITY

ପତ୍ର ସଂଖ୍ୟା ୩୪୩୩ /୨୦୨୬ ତାରିଖ ୦୩ /୦୮/୨୦୨୬

## ବିଜ୍ଞାପନ

ଏତତ ଦ୍ୱାରା କୋରାପୁଟ ପୌର ପାଳିକାର ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ପୌର ପରିଷଦର ନିମ୍ନ ଲିଖିତ ସ୍ଥାନ ଗୁଡିକରେ ନୂତନ ଭାବେ ନିର୍ମିତ ହୋଇଥିବା ୧୬ (ଷୋହଳ ) ଗୋଟି Vending Zone (ଅସ୍ଥାୟୀ ଦୋକାନ )ଦୋକାନ ଗୃହ ଭଡା ସୂତ୍ରରେ ଆବଣ୍ଟନ କରାଯିବ । ଏଣୁ କୋରାପୁଟ ପୌର ପାଳିକାର ଯେଉଁ ବ୍ୟକ୍ତି ମାନେ ଉକ୍ତ ଦୋକାନ ଗୃହ ନେବା ପାଇଁ ଇଚ୍ଛୁକ ସେମାନେ ପରିଷଦରେ ବିକ୍ରି କରାଯାଉଥିବା ଫର୍ମରେ ଆସନ୍ତା ତାରିଖ ୦୫-୦୮-୨୦୨୬ ଠାରୁ ୨୧-୦୮-୨୦୨୬ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ସର୍ତ୍ତାବଳି (ଆବେଦନ ଦରଖାସ୍ତ ସହ ସଂଲଗ୍ନ କରାଯାଇଅଛି) ଅନୁଯାଇ ନିଜର ସମସ୍ତ ବିବରଣ ଲିପିବଦ୍ଧ କରି ଆବେଦନ ଦରଖାସ୍ତର ରସିଦର ନକଲ/ଆଧାର କାର୍ଡ ନକଲ/ପାନ କାର୍ଡ ନକଲ ଏବଂ ନିଜର ପାସ ପୋର୍ଟ ସାଇଜ ଫଟୋ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ Registered /Speed post କିମ୍ବା courier ମାଧ୍ୟମରେ କାର୍ଯ୍ୟାଳୟ ଛୁଟି ଦିନ ବ୍ୟତୀତ ଆବେଦନ କରିପାରିବେ । ଧାର୍ଯ୍ୟ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନହିଁ ଏବଂ ତାରିଖ ୨୫-୦୮-୨୦୨୬ ଅପରାହ୍ନ ୩.୦୦ ଘଟିକା ସମୟରେ ପୌର କାର୍ଯଳୟ ଠାରେ ଦରଖାସ୍ତକାରୀଙ୍କ ଉପସ୍ଥିତିରେ (ଯଦି ନିଜେ ଉପସ୍ଥିତ ରହନ୍ତି,କୌଣସି ପ୍ରତିନିଧିନକୁ ଗ୍ରହଣ କରାଯିବ ନାହିଁ ) ଉକ୍ତ ଦରଖାସ୍ତଗୁଡିକୁ ଖୋଲାଯାଇ ଯାଞ୍ଚ କରାଯିବ ଏବଂ ପରବର୍ତ୍ତୀ କାର୍ଯନୁଷ୍ଠାନ ଗ୍ରହଣ କରାଯିବ ।

କର୍ତ୍ତୃପକ୍ଷ ଚାହିଁଲେ କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ଦରଖାସ୍ତ ଗୁଡିକୁ କିମ୍ବା ଏହି ବିଜ୍ଞାପନକୁ ରଦ୍ଧ କରି ପାରିବେ ।

୧) Central School ପାଖ – ୧୬ (ଷୋହଳ ) ଗୋଟି ( ୧୪ ଗୋଟି ସାଧାରଣ ଏବଂ ୨ ଗୋଟି ଶାରୀରିକ ବିକଳାଙ୍ଗ ପାଇଁ ସଂରକ୍ଷିତ )

ନିର୍ବାହୀ ଅଧିକାରୀ
ପୌର ପାଳିକା,କୋରାପୁଟ

ପରିପତ୍ର ସଂଖ୍ୟା ୩୪୩୮ /୨୦୨୬ ତାରିଖ ୦୩ /୦୮/୨୦୨୬

ଏହାର ଏକକିତା ନକଲ କୋରାପୁଟ ପୌର ପାଳିକାର ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗୋତି ନିମନ୍ତେ ପ୍ରକାଶ କରାଗଲା/MIS,ପୌର ପରିଷଦ / କୋଷଧକ୍ଷ ,କୋରାପୁଟ ପୌର ପାଳିକାଙ୍କୁ ଦୋକାନ ଗୃହ ପାଇଁ ଆବେଦନ ଦରଖାସ୍ତ ଫର୍ମ ବିକ୍ରି ପାଇଁ ଅନୁମୋତି ପ୍ରଦାନ କରାଗଲା ।

ନିର୍ବାହୀ ଅଧିକାରୀ
ପୌର ପାଳିକା,କୋରାପୁଟ

ପରିପତ୍ର ସଂଖ୍ୟା ୩୪୩୯ /୨୦୨୬ ତାରିଖ ୦୩ /୦୮ /୨୦୨୬

ଏହାର ଏକକିତା ନକଲ ଜିଲ୍ଲାପାଳ ,କୋରାପୁଟ/ ପ୍ରକଳ୍ପ ନିର୍ଦ୍ଦେଶକ,DUDA ; କୋରାପୁଟଙ୍କ ଅବଗୋତି ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ପୌର ପାଳିକା,କୋରାପୁଟ

ପରିପତ୍ର ସଂଖ୍ୟା ୩୪୮୦ /୨୦୨୬ ତାରିଖ ୦୩ /୦୮ /୨୦୨୬

ଏହାର ଏକକିତା ନକଲ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ ସ୍ଥାନୀୟ ଓଡିଆ ଖବରକାଗଜରେ ପ୍ରକାଶନ ପାଇଁ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ପୌର ପାଳିକା,କୋରାପୁଟ

Scanned with OKEN Scanner